# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**01st June – 2026**

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟିଛି; କହିଲେ ମୁଖ୍ୟମନ୍ତ୍ରୀ ।

- ବୈଜ୍ଞାନିକ ପଦ୍ଧତିରେ କୃଷି କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆରମ୍ଭ ହେଲା 'କ୍ଷେତ ବଚାଓ ଅଭିଯାନ' ।

- ରାଜ୍ୟରେ ନିର୍ମାଣାଧୀନ ୪୮ଟି ଜାତୀୟ ରାଜପଥ ପ୍ରକଳ୍ପର ସ୍ଥିତି ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ ।

ଏବଂ

- ଆଜିଠାରୁ କାର୍ଯ୍ୟକ୍ଷମ ହେଲା ରାୟଗଡ଼ା ରେଳମଣ୍ଡଳ ।

***BBSR/R***

## ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି

ବିଗତ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାରେ ଏକ ଅଭିନ୍ନ ଅଙ୍ଗ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆଜି ଭୁବନେଶ୍ୱର ୟୁନିଟ୍-୨

ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ କହିଛନ୍ତି, ଆଗକୁ ଭୁବନେଶ୍ୱର ବାହାରେ ମଧ୍ୟ ବିଭିନ୍ନ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହେବ । ଏହାଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ଲୋକମାନଙ୍କଖର୍ଚ୍ଚାନ୍ତ ଓ ହଇରାଣ ହୋଇ ଭୁବନେଶ୍ୱର ଆସିବାକୁ ପଡ଼ିବ ନାହିଁ । ପ୍ରଶାସନ ସେମାନଙ୍କ ପାଖରେ ପହଞ୍ଚି ସେଠାରେ ଲୋକମାନଙ୍କ ସମସ୍ୟା ଶୁଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM)*** :......

ସୂଚନା ଅନୁସାରେ ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ଏପର୍ଯ୍ୟନ୍ତ ୧୮ ଥର ଶୁଣାଣି କରିଛନ୍ତି । ଗତ ସପ୍ତଦଶ ପାଳି ସୁଦ୍ଧା ପ୍ରାୟ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି । ଶ୍ରୀ ମାଝୀ ଆଜି ସିଙ୍ଗ୍‌ଲ୍ ଓ୍ୱିଣ୍ଡୋ ସିଷ୍ଟମ୍ ଜରିଆରେ ବିଭିନ୍ନ ରୋଗରେ ପୀଡ଼ିତଙ୍କ ପାଇଁ ୩ ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି ।

***Desk***

# କ୍ଷେତ ବଚାଓ ଅଭିଯାନ

ବୈଜ୍ଞାନିକ ପଦ୍ଧତିରେ କୃଷିକାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟ ନେଇ ଦେଶବ୍ୟାପୀ ଆଜିଠାରୁ 'କ୍ଷେତ ବଚାଓ ଅଭିଯାନ' ଆରମ୍ଭ ହୋଇଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ମଧ୍ୟପ୍ରଦେଶର ରାୟସେନ ଜିଲ୍ଲାରେ ଅଭିଯାନର ଶୁଭାରମ୍ଭ କରି କହିଛନ୍ତି, ଏହି ଅଭିଯାନରେ

ମୃତ୍ତିକା ସ୍ୱାସ୍ଥ୍ୟ ଓ ଚାଷଜମିର ଉର୍ବରତା ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ଚାଷ କାର୍ଯ୍ୟରେ ସନ୍ତୁଳିତ ପରିମାଣର ରାସାୟିନିକ ସାର ବ୍ୟବହାର କରିବାପାଇଁ ମନ୍ତ୍ରୀ ଶ୍ରୀ ଚୌହାନ କୃଷକମାନଙ୍କୁ ପରାମର୍ଶ ଦେଇଛନ୍ତି । ଚାଷ ଜମିରେ ଜୈବିକ ଖତର ବ୍ୟବହାର, କୃଷକଙ୍କୁ ସମୟୋପଯୋଗୀ ସୂଚନା ପ୍ରଦାନ ମାଧ୍ୟମରେ ପଞ୍ଚାୟତ ସ୍ତରରେ ଜନ ଭାଗିଦାରିତାକୁ ସଶକ୍ତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଅଭିଯାନ ଅବସରରେ ଚାଷୀଙ୍କୁ ପି.ଏମ୍. କିଷାନ ସମ୍ମାନନିଧି ଯୋଜନା, କୃଷିବୀମା ଯୋଜନା, କିଷାନ କ୍ରେଡିଟ୍ କାର୍ଡ଼ ସହ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯିବ । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ।

***Desk***

## ରାଜ୍ୟସଭା ନିର୍ବାଚନ

ଓଡ଼ିଶାରେ ଖାଲିପଡ଼ିଥିବା ଗୋଟିଏ ରାଜ୍ୟସଭା ଆସନରେ ଉପନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୮ ତାରିଖରେ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୧୧ ତାରିଖ ଦିନ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ୧୮ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇ ଫଳାଫଳ ପ୍ରକାଶ ପାଇବ। ରାଜ୍ୟସଭା ଉପନିର୍ବାଚନପାଇଁ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ

କରାଯାଇଛି । ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ପରେ ଓଡ଼ିଶାର ଗୋଟିଏ ଆସନ ଖାଲି ପଡ଼ିଛି ।

***Desk***

# ଇ.ଭି. - ନିର୍ଦ୍ଦେଶାବଳୀ

ରାଜ୍ୟରେ ସମସ୍ତ ସରକାରୀ କାର୍ଯ୍ୟରେ ବାଧ୍ୟତାମୂଳକ ବୈଦ୍ୟୁତିକ ଯାନ-ଇ.ଭି.ର ବ୍ୟବହାର ପାଇଁ ଅର୍ଥ ବିଭାଗ ପକ୍ଷରୁ ଆଜି ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବଚାରପତି ଓ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଇ.ଭି. ଯାନ କିଣିବାପାଇଁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟୟ ସୀମା ଧାର୍ଯ୍ୟ କରାଯାଇଛି । ଅନ୍ୟାନ୍ୟ ବିଭିନ୍ନ ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ଇ.ଭି. ଯାନ କିଣିବାପାଇଁ ବ୍ୟୟ ଅଟକଳ ଧାର୍ଯ୍ୟ ନେଇ ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଛି ।

***Desk***

# ଜି.ଏସ୍.ଟି. ସଂଗ୍ରହ

ଦେଶରେ ଗତମାସରେ ଦ୍ରବ୍ୟ ଓ ସେବାକର - ଜି.ଏସ୍.ଟି. ସଂଗ୍ରହ ୩ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇ ୧ ଲକ୍ଷ ୯୪ ହଜାର କୋଟି ଟଙ୍କାରେ

ପହଞ୍ଚିଛି । ସେଥିମଧ୍ୟରେ କେନ୍ଦ୍ରୀୟ ଟିକସ ବାବଦରେ ୩୭ ହଜାର ୩୯୭ କୋଟି ଟଙ୍କା, ରାଜ୍ୟ ସଂଗ୍ରହ ୪୫ ହଜାର ୧୪୩ କୋଟି ଏବଂ ସମନ୍ୱିତ ସଂଗ୍ରହ ୫୧ ହଜାର ୯୦୦ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଗତବର୍ଷ ମଇ ମାସରେ ଜି.ଏସ୍.ଟି. ସଂଗ୍ରହ ୧ ଲକ୍ଷ ୮୮ ହଜାର କୋଟି ଟଙ୍କା ରହିଥିଲା । ଘରୋଇ ଚାହିଦା ବୃଦ୍ଧି ଦୃଷ୍ଟିରୁ ଦେଶରେ ଟିକସଯୁକ୍ତ ଦ୍ରବ୍ୟ ଯୋଗାଣ ୨୬ ଦଶମିକ ୯ ପ୍ରତିଶତ ବୃଦ୍ଧି ପାଇଛି । ସେବା କ୍ଷେତ୍ର ମଧ୍ୟ ୨୨ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଟିକସ ଫେରସ୍ତ ୨ ଦଶମିକ ୬ ପ୍ରତିଶତ ବୃଦ୍ଧି ପାଇ ୨୭ ହଜାର ୨୮୧ କୋଟି ଟଙ୍କା ହୋଇଛି ।

***BBSR/R***

## ଜାତୀୟ ରାଜପଥ ପ୍ରକଳ୍ପ - ସମୀକ୍ଷା

ରାଜ୍ୟରେ ନିର୍ମାଣାଧୀନ ୪୮ଟି ଜାତୀୟ ରାଜପଥ ପ୍ରକଳ୍ପର ସ୍ଥିତି ନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମୀକ୍ଷା କରିଛନ୍ତି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ଭବିଷ୍ୟତରେ ରାଜ୍ୟରେ ଆଉ କେତେଗୁଡ଼ିଏ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । କେନ୍ଦ୍ର ସରକାର ଏହି କ୍ଷେତ୍ରପାଇଁ ଓଡ଼ିଶାକୁ ଅଧିକରୁ ଅଧିକ ପାଣ୍ଠି ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି । ଇତିମଧ୍ୟରେ ୧ ହଜାର ୭୨୧ କୋଟି ଟଙ୍କା ବ୍ୟୟରେ ୪୯ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି । ଖୁବ୍‌ଶୀଘ୍ର ସେଗୁଡ଼ିକ ଲୋକାର୍ପଣ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ୧୨ ହଜାର ୧୦୨

କୋଟି ଟଙ୍କା ବ୍ୟୟ ଅଟକଳରେ ୪୭ଟି ନୂଆ ପ୍ରକଳ୍ପର ଖୁବ୍‌ଶୀଘ୍ର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## କାର୍ଗୋ ଟର୍ମିଟାଲ୍

ପୂର୍ବତଟ ରେଳପଥ ଅଧୀନରେ ନୂତନ ରାୟଗଡ଼ା ରେଳମଣ୍ଡଳ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି । ରାୟଗଡ଼ା ଡିଭିଜନ ଅଧୀନରେ ୬୯୬ କିଲୋମିଟର ରେଳପଥ ରହିଛି। ନୂଆ ରାୟଗଡା ରେଳମଣ୍ଡଳ ଅଧୀନରେ କୋରାପୁଟ, ସିଙ୍ଗାପୁର ରୋଡ, କିରନ୍ଦୁର, ଗୁଣୁପୁର, ପାରଳା ସମେତ ଦକ୍ଷିଣ ଓଡ଼ିଶାର ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନକୁ ସାମିଲ କରାଯାଇଛି। ପ୍ରାୟ ୨୦ ହଜାର କୋଟି ଟଙ୍କା ବିନିମୟରେ ନୂତନ କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ ହେବ। ନୂତନ ଡିଭିଜନରେ ପ୍ରାୟ ୬୦୦ରୁ ଅଧିକ ଅଧିକାରୀ ଓ ରେଳ କର୍ମଚାରୀ କାର୍ଯ୍ୟ କରିବେ। ଅବ୍ୟବହୃତ ମାଲ୍ ପରିବହନ ସମ୍ଭାବନାର ଉପଯୁକ୍ତ ବ୍ୟବହାର ହେବା ସହ କିରଣ୍ଡୁଲ–ବଚେଲ ଖଣି କ୍ଷେତ୍ରରୁ ଲୁହାପଥର ପରିବହନ ହେବ। ଏହି ଡିଭିଜନ ପ୍ରାୟ ୪୦ ମିଲିୟନ୍ ଟନ୍‌ରୁ ଅଧିକ ମାଲ ପରିବହନ କରିବାର କ୍ଷମତା ରଖିଛି ବୋଲି ଜଣାପଡ଼ିଛି।

*Desk*

# କେନ୍ଦ୍ର ସରକାର – ୧୨ ବର୍ଷ

ଭାରତରେ 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ'ର ମନ୍ତ୍ର ନେଇ ବିକାଶ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଘଟିଛି । ଗତ ୧୨ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଅଗ୍ରସର ହେଉଛି । ଏହି କାର୍ଯ୍ୟକାଳ ମଧ୍ୟରେ ଗରିବ, କୃଷକ, ମହିଳା ଏବଂ ଯୁବପିଢ଼ିର ଉନ୍ନତି ନିମନ୍ତେ କେନ୍ଦ୍ର ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । କୃଷକଙ୍କ କଲ୍ୟାଣ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଏକ ରିପୋର୍ଟ :

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ସର୍ବବୃହତ୍ ସଂସ୍କାରମୂଳକ ପଦକ୍ଷେପ ଭାବେ ପି.ଏମ୍. କିଷାନ ସମ୍ମାନନିଧି ଯୋଜନା କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାରେ ବର୍ଷକୁ ୬ ହଜାର ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତରଣ ବ୍ୟବସ୍ଥାରେ କୃଷକଙ୍କ ବ୍ୟାଙ୍କ୍‌ଖାତାକୁ ପ୍ରଦାନ କରାଯାଉଛି । ୯ କୋଟି ୫୦ ଲକ୍ଷରୁ ଅଧିକ ପରିବାରକୁ ୪ ଲକ୍ଷ ୨୮ ହଜାର କୋଟିରୁ ଅଧିକ ଅର୍ଥରାଶି ପ୍ରଦାନ କରାଯାଇଛି ।

୨୦୧୪–୧୫ ପରଠାରୁ ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୨୬ କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ପ୍ରଦାନ କରାଯାଇଛି । ଫସଲ ବୀମା ଯୋଜନାରେ ୨୩ କୋଟି କୃଷକ ୧ ଲକ୍ଷ ୯୨ ହଜାର କୋଟି ଟଙ୍କାର ଲାଭ ପାଇଛନ୍ତି । ପ୍ରଧାନମନ୍ତ୍ରୀ' କିଷାନ୍ ମାନଧନ ଯୋଜନାରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ପେନସନ୍ ପ୍ରଦାନ କରାଯାଇଛି ।

ସରକାର କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ବିଭିନ୍ନ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି ।

ଆକାଶବାଣୀକୁ ପ୍ରତିକ୍ରିୟା ଦେଇ ନବରଙ୍ଗପୁର ଜିଲ୍ଲାର ଚାଷୀ ଜଗଦୀଶ ବିଶୋୟୀ ଆକାଶବାଣୀକୁ କହିଛନ୍ତି :

***Voice (Bisoyi)*** :........

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।

***Malkangiri/R***

# ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର

ମାଲକାନଗିରି ଜିଲ୍ଲାର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କପାଇଁ ଗ୍ରୀଷ୍ମ ଶିବିର ଆଜିଠାରୁ ଆରମ୍ଭ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଏହି ବିଦ୍ୟାଳୟସ୍ତରୀୟ ଶିକ୍ଷା ଶିବିର ୨୦ ଦିନ ଧରି ଚାଲିବ । ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ଦିନ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ଶିବିରରେ ଶିକ୍ଷାଦାନ କରାଯିବ । ପାଠପଢ଼ାରେ ଦୁର୍ବଳ ଥିବା ଛାତ୍ରଛାତ୍ରୀ, ମାଟ୍ରିକ୍ ପରୀକ୍ଷାପାଇଁ ପ୍ରସ୍ତୁତି ଆଦିକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

*HS*

## ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍‌ରେ ସଡ଼କ ଯୋଗାଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆଜି ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଟଙ୍କଧର ତ୍ରିପାଠୀ’ ୩୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର  ସ୍ଥାପନ କରିଛନ୍ତି । ସମାରୋହରେ ଶ୍ରୀ ତ୍ରିପାଠୀ’ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ସହ ଜଳସେଚନ, କୃଷି ଓ ଚାଷୀଙ୍କ ସାମଗ୍ରିକ ବିକାଶକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି କହିଛନ୍ତି ।

*Cuttack/R*

## ଭୋଟର୍ ତାଲିକା ସଂଶୋଧନ

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ସଫଳ ରୂପାୟନ ଲକ୍ଷ୍ୟ ନେଇ ଆଜି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ କ୍ଷେତ୍ରୀୟ ସମୀକ୍ଷା କରିଛନ୍ତି । ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ ଜିଲ୍ଲାପାଳ ଆଜି ଗସ୍ତରେ ଯାଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କଦ୍ୱାରା ଜାରି ରହିଥିବା କାର୍ଯ୍ୟର ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ମିଳିଥିବା ସୂଚନା

ଅନୁଯାୟୀ କଟକ ଜିଲ୍ଲାର ମୋଟ୍ ୨୦ ଲକ୍ଷ ୮୫ ହଜାର ୭୭୯ ଭୋଟର୍ଙ୍କ ମଧ୍ୟରୁ ଆଜିସୁଦ୍ଧା ୧ ଲକ୍ଷ ୬ ହଜାର ୫୭୬ଟି ଫର୍ମ ବଣ୍ଟନ କରାଯାଇସାରିଛି ।

***Cuttack/R***

# ଭୋଟର୍ ତାଲିକା ସଂଶୋଧନ

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ସଫଳ ରୂପାୟନ ଲକ୍ଷ୍ୟ ନେଇ ଆଜି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ କ୍ଷେତ୍ରୀୟ ସମୀକ୍ଷା କରିଛନ୍ତି । ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ ଜିଲ୍ଲାପାଳ ଆଜି ଗସ୍ତରେ ଯାଇ ବୁଥ୍ସ୍ତରୀୟ ଅଧିକାରୀଙ୍କଦ୍ୱାରା ଜାରି ରହିଥିବା କାର୍ଯ୍ୟର ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କଟକ ଜିଲ୍ଲାର ମୋଟ୍ ୨୦ ଲକ୍ଷ ୮୫ ହଜାର ୭୭୯ ଭୋଟର୍ଙ୍କ ମଧ୍ୟରୁ ଆଜିସୁଦ୍ଧା ୧ ଲକ୍ଷ ୬ ହଜାର ୫୭୬ଟି ଫର୍ମ ବଣ୍ଟନ କରାଯାଇସାରିଛି ।

******